# ପ୍ରସବ ର ପୂର୍ବ ପ୍ରସ୍ତୁତି

## ଉପକ୍ରମ:

❖ ପ୍ରସବର ପୂର୍ବପ୍ରସ୍ତୁତି ଅର୍ଥ ହେଉଛି, ଗର୍ଭବତୀ ମହିଳା ଏବଂ ତାଙ୍କ ପରିବାର ସଦସ୍ୟ ମିଳିମିଶି କିପରି ନିରାପଦ ସୁରକ୍ଷିତ ତଥା ଆରାମଦାୟକ ପ୍ରସବ ହୋଇ ପାରିବ, ସେ ବିଷୟରେ ପୂର୍ବରୁ ଯୋଜନା ପ୍ରସ୍ତୁତ କରିବାର ଉପାୟ ।

❖ ଏହି ପ୍ରସବର ପୂର୍ବପ୍ରସ୍ତୁତି, ପ୍ରସବ ପୂର୍ବ ଯତ୍ନ ପରିଦର୍ଶନ କାଳରେ ହିଁ ଯୋଜନା କରି ଦିଆଯିବା ଉଚିତ୍ ।

❖ ଏହି ପ୍ରସବ ପୂର୍ବ ଯୋଜନାରେ ଅନ୍ତର୍ଭୁକ୍ତ ତଥ୍ୟ ଗୁଡ଼ିକ ହେଉଛି, ଦରକାର ବେଳେ କାହାକୁ ସଂପର୍କ କରାଯିବ ତାର ସୂଚନା, ବିପଦ ସଙ୍କେତ ଗୁଡିକୁ ଚିହ୍ନିବାର ଜ୍ଞାନ, ଗାଡ଼ିର ବ୍ୟବସ୍ଥା, ମାତୃତ୍ୱ ଓ ଶିଶୁ ସ୍ୱାସ୍ଥ୍ୟ କାର୍ଡ, ଆର୍ଥିକ ଯୋଗାଡ଼, ଶେଷ ସମୟରେ ଯୋଗାଯୋଗ କରିବାକୁ ଥିବା ରେଫରାଲ୍ ସୁବିଧା ର ଜ୍ଞାନ ଇତ୍ୟାଦି ।

### କୌଣସି ଚିକିତ୍ସା କେନ୍ଦ୍ରରେ ପ୍ରସବ ସୁନିଶ୍ଚିତ କରାନ୍ତୁ



ମାନ୍ୟତା ପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତା/ସହାୟିକା ସେବିକା/ଅଙ୍ଗନବାଡି କର୍ମୀଙ୍କ ସହ ସଂପର୍କ କରନ୍ତୁ



ଆପଣ ଅଞ୍ଚଳରେ ଲାଗୁ ହୋଇଥିବା ଜନନୀ ସୁରକ୍ଷା ଯୋଜନା ଓ ସେହିପରି ଅନ୍ୟ ଯୋଜନା ଗୁଡ଼ିକରେ ପଞ୍ଜୀକୃତ କରାନ୍ତୁ



ଜନନୀ ସୁରକ୍ଷା ଯୋଜନା ଅଧିନରେ ମିଳିଥିବା ଲାଭ ଗୁଡ଼ିକ ଉଠାନ୍ତୁ




ଡାକ୍ତରଖାନାକୁ ଆଗରୁ ଚିହ୍ନଟ କରି ରଖନ୍ତୁ



ଗାଡ଼ିର ବ୍ୟବସ୍ଥା ପୂର୍ବରୁ କରାଇ ରଖନ୍ତୁ



ପ୍ରସବ ପରେ 48 ଘଣ୍ଟା ଡାକ୍ତରଖାନାରେ ରହିବା ସୁନିଶ୍ଚିତ କରାଇ ନିଅନ୍ତୁ

### ଅଙ୍ଗନବାଡ଼ି କର୍ମୀଙ୍କର ଭୂମିକା

❖ ଗର୍ଭଧାରଣ ସତ ବୋଲି ସୁନିଶ୍ଚିତ ହେବା ପରେ ମାନ୍ୟତା ପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତା/ଏ.ଏନ୍.ଏମ୍./ ଅଙ୍ଗନବାଡ଼ି କର୍ମୀଙ୍କୁ ସଂପର୍କ କରିବା ଦରକାର ।

❖ ଏ.ଏନ୍.ଏମ୍./ମାନ୍ୟତା ପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତା/ଅଙ୍ଗନବାଡ଼ି କର୍ମୀଙ୍କର ଫୋନ୍ ନମ୍ବର ତଥା ସମସ୍ତ ଯୋଗାଯୋଗ ବିବରଣୀ ସହଜରେ ଉପଲବ୍ଧ ।

❖ ଜରୁରୀକାଳୀନ ପରିସ୍ଥିତିର ଖର୍ଚ୍ଚ ତୁଲାଇବା ପାଇଁ ଯଥେଷ୍ଟ ମାତ୍ରାର ଟଙ୍କା ସଞ୍ଚୟ କରାଯାଇ ରଖା ଯାଇଛି ।

❖ ନିକଟବର୍ତ୍ତୀ ଏକ ଫିଲଡ୍ ରେଫରାଲ ୟୁନିଟ୍/ଡାକ୍ତରଖାନା କୁ ଚିହ୍ନଟ କରାଯାଇ ରଖାଯାଇଛି ।

❖ ମହିଳାଙ୍କୁ ଡାକ୍ତରଖାନା ନେବା ପାଇଁ ଯାତାୟତର ଏକ ସରଳ ସୁଗମ ବ୍ୟବସ୍ଥା ସ୍ଥିର କରାଯାଇ ରଖାଯାଇଛି ।

❖ ନବଜାତ ଶିଶୁକୁ ଗୋଟିଏ ହଳ ପରିଷ୍କାର (ସାବୁନ୍ ରେ ଭଲ କରି ଧୋଇ, ଖରାରେ ଶୁଖାଇ) ସୂତା ପୋଷାକ ପିନ୍ଧାଇବା ପାଇଁ ପ୍ରସ୍ତୁତ କରି ରଖାଯାଇଛି ।

❖ ଘରେ ପ୍ରସବ କ୍ଷେତ୍ରରେ ଏକଥା ସୁନିଶ୍ଚିତ କରାନ୍ତୁ ଯେ ପିଲା ଯେଉଁଠି ଜନ୍ମ ହେବ, ସେହି ଆଖପାଖ ସ୍ଥାନ ବେଶ୍ ପରିଷ୍କାର ପରିଚ୍ଛନ୍ନ ରଖାଯାଇଛି ।

❖ ସେହି ପ୍ରସବ ଜଣେ କୁଶଳୀ ଧାଇ/ଏ.ଏନ୍.ଏମ୍.ଙ୍କ ଦ୍ୱାରା କରାଯାଇଛି ।

## ଘରୋଇ ପ୍ରସବ ସ୍ଥଳେ ପ୍ରସ୍ତୁତି




## ଅଙ୍ଗନବାଡ଼ି କର୍ମୀଙ୍କର ଭୂମିକା

- ଜଣେ ଗର୍ଭବତୀ ମହିଳା, ଗର୍ଭଧାରଣର 12 ସପ୍ତାହ ପୂରଣ ହେବା ପୂର୍ବରୁ ପଞ୍ଜୀକରଣ କରାଇବା ଏବଂ ପରବର୍ତ୍ତୀ ତିନୋଟି ପ୍ରସବ ପୂର୍ବ ଯାଞ୍ଚ ପରଖ କରାଇବା କାମରେ ତାଙ୍କୁ ଆପଣ ସାହାଯ୍ୟକରିବା ଉଚିତ୍।
- ଗର୍ଭବତୀ ମହିଳା ଓ ତାଙ୍କର ପରିବାର ସଦସ୍ୟଙ୍କୁ ପ୍ରସବ ପୂର୍ବ ପରୀକ୍ଷା ବେଳେ ତଥା ସାମୁହିକ ବୈଠକ ସମୟରେ ବିପଦ ସଙ୍କେତ ଗୁଡ଼ିକ ବିଷୟରେ ବୁଝାଇ କୁହନ୍ତୁ ।
- ସମସ୍ତ ଗର୍ଭବତୀ ମହିଳାଙ୍କ ପାଇଁ ସବୁ ପ୍ରକାର ଆବଶ୍ୟକ ପରୀକ୍ଷା/ ନିରୀକ୍ଷଣ ଆଦି ସୁଚାରୁ ରୂପେ କରାଯାଇଛି, ତାହା ସୁନିଶ୍ଚିତ କରାଇବା ।
- ଆପଣଙ୍କ ଗ୍ରାମ ପାଖରେ ଡାକ୍ତରଖାନା, ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅନ୍ୟ ସଂସ୍ଥା ଯିଏ ଚବିଶ ଘଣ୍ଟା ସେବା ପ୍ରଦାନ ପାଇଁ ତତ୍ପର ଥାଆନ୍ତି, ସେ ଗୁଡ଼ିକର ଅବସ୍ଥିତି ଚିହ୍ନଟ ରଖିବା ।
- ଜନନୀ ସୁରକ୍ଷା ଯୋଜନା ଅଧିନରେ ସମସ୍ତ ଲାଭ ପାଇବା ପାଇଁ ଯୋଗ୍ୟ ବିବେଚିତ ଗର୍ଭବତୀ ମହିଳା ସେଗୁଡ଼ିକ ପାଇବା ପାଇଁ ତାଙ୍କୁ ସାହାଯ୍ୟ କରିବା ।
- ପ୍ରତିଷ୍ଠାନ ବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଡେଲିଭରି କରାଇବା ପାଇଁ ଗର୍ଭବତୀ ମହିଳା ଓ ତାଙ୍କ ପରିବାର ସଦସ୍ୟଙ୍କୁ ମାର୍ଗଦର୍ଶନ/ପରାମର୍ଶ ପ୍ରଦାନ କରିବା
- ପ୍ରତିଷ୍ଠାନ ବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଡେଲିଭରି କରାଇବାକୁ ଯାଉଥିବା ବେଳେ ତାଙ୍କ ସାଙ୍ଗରେ ଡାକ୍ତରଖାନା ଯାଏଁ ଯିବା ।
- ଯଦି ଘରେ ପ୍ରସବ କରାଯାଇଥାଏ, ତେବେ ଏକଥା ସୁନିଶ୍ଚିତ କରାନ୍ତୁ ଯେ ପାଞ୍ଚଟି ଯାକ ପରିଷ୍କାର ସୂତ୍ର ଅନୁସରଣ କରାଯାଉଛି ।